ପ୍ରମେୟ
THE PRAMEYA

30th Jan, 2021

---

ଆଇଆଇଟିରେ ପ୍ରତିଷ୍ଠା ହେବ ଓପିଟିସିଏଲ୍ ଚେୟାର୍

# ଶକ୍ତି କ୍ଷେତ୍ରରେ ତାଲିମ ଦେବ ଭୁବନେଶ୍ୱର ଆଇଆଇଟି

ଭୁବନେଶ୍ୱର,୨୯।୧(ବ୍ୟୁରୋ): ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଓଡ଼ିଶା ବିଦ୍ୟୁତ ଶକ୍ତି ସଂରକ୍ଷଣ ନିଗମ ଲିମିଟେଡ (ଓପିଟିସିଏଲ)ଚେୟାର୍। ସେଥି ପାଇଁ ଆଜି ଭୁବନେଶ୍ୱର ଆଇଆଇଟି ଓ ଓପିଟିସିଏଲ୍ ମଧ୍ୟରେ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ଭୁବନେଶ୍ୱର ଆଇଆଇଟି ଓପିଟିସିଏଲ୍ କର୍ମଚାରୀଙ୍କୁ ଶକ୍ତି କ୍ଷେତ୍ରରେ ବିଭିନ୍ନ ପ୍ରକାର ବୈଷୟିକ ତାଲିମ ପ୍ରଦାନ କରିବ ବୋଲି ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି।

ଏହି ଅବସରରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର କହିଛନ୍ତି ଯେ, ଏହି ଅନୁଷ୍ଠାନ ଶିକ୍ଷାଦାନ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଗବେଷଣା କରିଥାଏ। ଏହି ଚେୟାର୍ ପ୍ରତିଷ୍ଠା ଦ୍ୱାରା ଶକ୍ତି କ୍ଷେତ୍ରରେ ଏକ ପରିବର୍ଦ୍ଧିତ ଶାଖା ଭାବେ କାର୍ଯ୍ୟ କରିବ। ଯାହା ଶକ୍ତି କ୍ଷେତ୍ରରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟାର ଦ୍ରୁତ ସମାଧାନ ପାଇଁ ବାଟ ଖୋଲିବ। ସେହିପରି ଓପିଟିସିଏଲ୍ ଅଧ୍ୟକ୍ଷ ତଥା ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ସୌରଭ ଗର୍ଗ କହିଛନ୍ତି ଯେ, ଆଇଆଇଟି ବିଭିନ୍ନ ବୈଷୟିକ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବ। ବୁଝାମଣାପତ୍ରରେ ଆଇଆଇଟି ଭୁବନେଶ୍ୱର ପ୍ରାଧ୍ୟାପକ ସୁଜିତ୍ ରାୟ୍ ଏବଂ ଓପିଟିସିଏଲ୍‌ର ମାନବ ସମ୍ବଳ ନିର୍ଦ୍ଦେଶକ ରଶ୍ମିନାଥ ପ୍ରତିହାରୀ ସ୍ୱାକ୍ଷର କରିଥିଲେ। ଆଇଆଇଟି ପ୍ରାଧ୍ୟାପକ ଶ୍ରୀକୃଷ୍ଣ ସାମନ୍ତରାୟ, ଓପିଟିସିଏଲ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ସିଂହ, ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।